
# ସତ୍ୟପ୍ରକାଶ



# THE WORD OF TRUTH

**SEPTEMBER & OCTOBER - 2012**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.20.Sep & Oct-2012.No-5

**Published every two months in Oriya language for the Restoration of pure New Testament Christianity**

## ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

VOL - XVII KAKINADA SEP-OCT-2012


## ଲଜ୍ଜାବୋଧ ନ କର
## (Don't be Ashamed)

ଅନେକ ଖ୍ରୀଷ୍ଟଙ୍କ ସୁସମାଚାର ବିଷୟରେ ଲଜ୍ଜାବୋଧ କରନ୍ତି । ସେମାନେ ଦାପ୍ରଭୁଙ୍କ ଠାରେ ବିଶ୍ୱାସ କରନ୍ତି ଓ ତାହାଙ୍କ ଅନୁସରଣ କରନ୍ତି ବୋଲି ଅନ୍ୟମାନଙ୍କୁ ଣାଇବାକୁ ଇଚ୍ଛା କରନ୍ତି ନାହିଁ । ଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା ମଣ୍ଡଳୀ କ୍ରୟ କରିବାକୁ ବଂ ସେହି ମଣ୍ଡଳୀରେ ହିଁ ପରିତ୍ରାଣ ଅଛି ବୋଲି ପ୍ରକଟ କରିବାକୁ ଲୋକେ ଜ୍ଜାବୋଧ କରନ୍ତି । ସତ୍ୟ ନିମନ୍ତେ ଠିଆ ହେବାକୁ ଏବଂ ଅସତ୍ୟର ପ୍ରତିରୋଧ ରିବାକୁ ଅନେକେ ପଛଘୁଞ୍ଚା ଦିଅନ୍ତି ।

କାହିଁକି ମନୁଷ୍ୟମାନେ ଅସତ୍ୟର ପ୍ରତିରୋଧ ନ କରି ନୀରବ ରହନ୍ତି ? ଗତର ପ୍ରେମ ଓ ଜାଗତିକ ଲୋକମାନଙ୍କ ସହିତ ସହଭାଗିତା ମନୁଷ୍ୟମାନଙ୍କୁ ସତ୍ୟରେ ସହମତ ରହିବାରେ ସାହାଯ୍ୟ କରିଥାଏ । ଅସତ୍ୟର ପ୍ରତିରୋଧ ନ କରି ନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିବାକୁ ସେମାନେ ଇଚ୍ଛା କରନ୍ତି । କିନ୍ତୁ ପ୍ରଥମ ତାବ୍ଦୀର ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଠାରୁ ମରଣ ଶ୍ରେୟସ୍କର ଣୁଥିଲେ । "ସେଥିରେ ସେମାନେ ଯେ ସେହି ନାମ ସକାଶେ ଅପମାନ ଭୋଗିବାକୁ ଯୋଗ୍ୟ ବୋଲି ଗଣିତ ହୋଇଥିଲେ, ସେଥି ନିମନ୍ତେ ସେମାନେ ଆନନ୍ଦ କରୁ କରୁ ମହାସଭାରୁ ବାହାରିଗଲେ,........." (ପ୍ରେରିତ ୫:୪୧)

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, "କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ । ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ସେଥିରେ ତ' ଈଶ୍ୱରଦତ୍ତ ଧାର୍ମିକତା ପ୍ରକାଶିତ ହେଉଅଛି, ତାହା ବିଶ୍ୱାସମୂଳକ ଓ ବିଶ୍ୱାସଜନକ ଯେପରି ଲେଖାଅଛି, "ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।"

ଯେପରି ଲେଖାଅଛି, "ଦେଖ, ଆମ୍ଭେ ସିୟୋନରେ ଗୋଟିଏ ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣ ସ୍ଥାପନ କରୁଅଛୁ, ଆଉ, ଯେ ତାହାଙ୍କ ଠାରେ ବିଶ୍ୱାସ

କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମୀୟ ୯:୩୩) ''ଯେଣୁ ଶାସ୍ତ୍ର କହେ, ଯେ
କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମ ୧୦:୪)

ଫିଲିପ୍ ମଣ୍ଡଳୀକୁ ପାଉଲ କହନ୍ତି, ''ଏ ସମ୍ବନ୍ଧରେ ମୋହର ଏକାନ୍ତ ଆକାଂକ୍ଷ
ଓ ଭରସା ଅଛି ଯେ ମୁଁ କୌଣସି ବିଷୟରେ ଲଜ୍ଜିତ ହେବି ନାହିଁ, କିନ୍ତୁ ସର୍ବଦ
ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ହେଉ ବା ମରଣରେ
ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି ।'' (ଫିଲିପ୍ ୧:୨୦)

ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, ''ଆମ୍ଭମାନଙ୍କ ପ୍ରଭୁଙ୍କ ସମ୍ବନ୍ଧରେ ସାକ୍ଷ
ଦେବା ବିଷୟରେ କିମ୍ବା ତାହାଙ୍କ ନିମନ୍ତେ ବନ୍ଦୀ ଯେ ମୁଁ, ମୋ ବିଷୟରେ ଲଜ୍ଜିତ ହ
ହୁଅ । ବରଂ ଈଶ୍ୱରଙ୍କ ଶକ୍ତି ଅନୁସାରେ ସୁସମାଚାର ନିମନ୍ତେ ମୋ' ସହିତ କ୍ଲେଶ
ସହ୍ୟ କର । ସେ ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ଓ ପବିତ୍ର ଆହ୍ୱାନରେ ଆହ୍ୱାନ
କରିଅଛନ୍ତି । ଆମ୍ଭମାନଙ୍କ କାର୍ଯ୍ୟାନୁସାରେ ସେ ତାହା କରିନାହାନ୍ତି, ମାତ୍ର ତାହାଙ୍କ
ନିଜ ସଂକଳ୍ପ ଓ ଅନୁଗ୍ରହ ଅନୁସାରେ କରିଅଛନ୍ତି, ସେହି ଅନୁଗ୍ରହ ଅନାଦି କାଳ
ପୂର୍ବରୁ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆମ୍ଭମାନଙ୍କୁ ପ୍ରଦତ୍ତ ହୋଇଥିଲା । କିନ୍ତୁ ଏବେ ଆମ୍ଭମାନଙ୍କ
ତ୍ରାଣକର୍ତ୍ତା, ଖ୍ରୀଷ୍ଟଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି । ସେ ମୃତ୍ୟୁକୁ
ଲୋପ କରିଅଛନ୍ତି, ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ
ପ୍ରକାଶ କରିଅଛନ୍ତି ... ... ଏହି କାରଣରୁ ମଧ୍ୟ ମୁଁ ଏହିସବୁ ଦୁଃଖଭୋଗ କରୁଅଛି,
ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କ ଠାରେ ବିଶ୍ୱାସ କରିଅଛି, ତାହାଙ୍କୁ
ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ
ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ରୂପେ ବିଶ୍ୱାସ କରୁଅଛି ।''
(୨ୟ ତୀମଥି ୧:୮-୧୨)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, ''ସତ୍ୟ ବାକ୍ୟ ଯଥାର୍ଥରୂପେ
ବ୍ୟବହାର କର, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର
ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।''
(୨ୟ ତୀମଥି ୨:୧୫) । ପରମେଶ୍ୱର ଓ ତାହାଙ୍କ ସନ୍ତାନମାନଙ୍କ ବିଷୟରେ ଏବ୍ରୀ
ପୁସ୍ତକକର୍ତ୍ତା କହନ୍ତି, ''କାରଣ ଯାହାଙ୍କ ନିମନ୍ତେ ଓ ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ
ଅନେକଙ୍କୁ ଗୌରବରେ ପ୍ରବେଶ କରାଇବାରେ ସେମାନଙ୍କ ପରିତ୍ରାଣର କର୍ତ୍ତାଙ୍କୁ
ଦୁଃଖଭୋଗ ଦ୍ୱାରା ସିଦ୍ଧ କରିବା ତାହାଙ୍କର ଉପଯୁକ୍ତ ଥିଲା । ଯେଣୁ ଯେ ପବିତ୍ର
କରନ୍ତି ଓ ଯେଉଁମାନେ ପବିତ୍ରୀକୃତ ହୁଅନ୍ତି, ସେମାନେ ସମସ୍ତେ ଏକ ପିତାଙ୍କ
ସନ୍ତାନ, ସେଥି ନିମନ୍ତେ ସେ ସେମାନଙ୍କୁ ଭ୍ରାତା ବୋଲି କହିବାକୁ ଲଜ୍ଜିତ ନୁହଁନ୍ତି
ଯେପରି ସେ କହନ୍ତି, ''ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣ

କରିବି, ସମାଜ ମଧ୍ୟରେ ତୁମ୍ଭର ପ୍ରଶଂସା ଗାନ କରିବି ।'' (ଏବ୍ରୀ ୨:୧୦-୧୨)
'କିନ୍ତୁ ସେମାନେ ଗୋଟିଏ ଉତ୍କୃଷ୍ଟତର, ଅର୍ଥାତ୍ ସ୍ୱର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ । ଏହେତୁ ଈଶ୍ୱର ସେମାନଙ୍କର ଈଶ୍ୱର ବୋଲି ଖ୍ୟାତ ହେବାକୁ ସେମାନଙ୍କ ସମ୍ବନ୍ଧରେ ଲଜ୍ଜିତ ନୁହଁନ୍ତି, କାରଣ ସେ ସେମାନଙ୍କ ନିମନ୍ତେ ଗୋଟିଏ ନଗର ପ୍ରସ୍ତୁତ କରିଅଛନ୍ତି ।'' (ଏବ୍ରୀ ୧୧:୧୬)

ପିତରଙ୍କ ଭାଷାରେ, ''ଯେପରି ତୁମ୍ଭମାନଙ୍କ ନିନ୍ଦକମାନେ ଯେଉଁ ବିଷୟରେ ତୁମ୍ଭମାନଙ୍କ ଖ୍ରୀଷ୍ଟୀୟ ଆଚରଣର ଦୋଷାରୋପ କରନ୍ତି, ଦୁଃଖଭୋଗ କରିବା ଠାରୁ ବରଂ ଯଦି ଈଶ୍ୱରଙ୍କର ଇଚ୍ଛା ହୁଏ, ତାହାହେଲେ ସତ୍କର୍ମ ସକାଶେ ଦୁଃଖଭୋଗ କରିବା ଭଲ । ଯେଣୁ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ । ସେ ଶରୀରରେ ମୃତ୍ୟୁଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।'' (୧ମ ପିତର ୩:୧୬-୧୮) ............''ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ, କି ଚୋର, କି ଦୁରାଚାରୀ, କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡଭୋଗ ନ କରୁ, କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ମ ପିତର ୪:୧୫, ୧୬)

ଯୀଶୁଖ୍ରୀଷ୍ଟ କହିଲେ, ''ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବା ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।'' (ମାଥିଉ ୧୦:୩୨,୩୩) ପୁନର୍ବାର ସେ କହନ୍ତି, ''ଯେଣୁ ଯେ କେହି ଏହି କାଳର ବ୍ୟଭିଚାରୀ ଓ ପାପିଷ୍ଠ ଲୋକମାନଙ୍କ ମଧ୍ୟରେ ମୋହର ଓ ମୋହର ବାକ୍ୟ ବିଷୟରେ ଲଜ୍ଜାବୋଧ କରେ, ମନୁଷ୍ୟପୁତ୍ର ଯେତେବେଳେ ପବିତ୍ର ଦୂତମାନଙ୍କ ସହିତ ଆପଣା ପିତାଙ୍କ ମହିମାରେ ଆଗମନ କରିବେ, ସେତେବେଳେ ସେ ମଧ୍ୟ ତାହା ବିଷୟରେ ଲଜ୍ଜାବୋଧ କରିବେ ।'' (ମାର୍କ ୮:୩୮)

ପ୍ରିୟ ବନ୍ଧୁ, ପରମେଶ୍ୱରଙ୍କ ସମ୍ମୁଖରେ ସ୍ଥିତି କ'ଣ ?

ତାହାଙ୍କ ଠାରେ ଆପଣ ବିଶ୍ୱାସ କରୁଅଛନ୍ତି ନା ଅବିଶ୍ୱାସ କରୁଅଛନ୍ତି ? (ଏବ୍ରୀ ୧୭:୬, ଯୋହନ ୧୪:୧)

ବିଶ୍ୱାସ କରି ବାପ୍ତିଜିତ ହେବାକୁ ଇଚ୍ଛା କରୁଅଛନ୍ତି ନା ମନୁଷ୍ୟର ଶିକ୍ଷା ଅନୁସରଣ କରିବାକୁ ଇଚ୍ଛା କରନ୍ତି ।

ଆପଣ ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀରେ ସଂଯୁକ୍ତ ହେବାକୁ ଇଚ୍ଛା କରନ୍ତି ବା ମନୁଷ୍ୟ ସ୍ଥାପିତ ମଣ୍ଡଳୀରେ ଯୋଗଦେବାକୁ ଇଚ୍ଛା କରନ୍ତି । (ମାଥିଉ ୧୬:୧୮)

ଆପଣ ଖ୍ରୀଷ୍ଟଙ୍କ ନାମ ଧାରଣ କରିବାକୁ ଇଚ୍ଛା କରନ୍ତି କିମ୍ବା ମନୁଷ୍ୟର ନାମ ଧାରଣ କରିବାକୁ ଇଚ୍ଛା କରନ୍ତି ?

ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାର ଦିନରେ ବିଚାରିତ ହେବା । ଖ୍ରୀଷ୍ଟଙ୍କ ଇଚ୍ଛା ଓ ତାହାଙ୍କ ବାକ୍ୟ ଅସ୍ୱୀକାର ନ କର । ତାହାଙ୍କ ବିଷୟରେ ଲଜ୍ଜାବୋଧ ନକର । ତାହାଙ୍କ ଠାରେ ବିଶ୍ୱାସ କର, ତାହାଙ୍କ ବାକ୍ୟ ପାଳନ କର ତାହାଙ୍କ ନିମନ୍ତେ ଜୀବନଯାପନ କର, ତାହିଁରେ ସେ ଆପଣଙ୍କୁ ଆପଣାଇ ଅନନ୍ତ ଜୀବନ ରୂପ ଗୃହରେ ସ୍ଥାନ ଦେବେ ।

***- J.C. Choate***

❋❋❋

# ଖ୍ରୀଷ୍ଟଙ୍କ ମଣ୍ଡଳୀର ଅର୍ଥ କଅଣ ?
## ( What is the Church of Christ ? )

ଦୁଇ ହଜାର ବର୍ଷ ପୂର୍ବେ ଯୀଶୁ ଆପଣା ମଣ୍ଡଳୀ ଗଢ଼ିଥିଲେ । କ୍ରମାଗତ ସେଥିରେ ଅନେକ ବିଭକ୍ତ ଆସିଲା । ଆଜି ଜଗତରେ ଅନେକ ମତଶାଖାର ଆବିର୍ଭାବ ହୋଇଅଛି । କ୍ରମାଗତ ଏହାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ମନୁଷ୍ୟ ସମାଜ ଏପରି ବିଭକ୍ତି ଯୋଗୁଁ ବିରକ୍ତ ହୋଇ ଉଠିଅଛି । ମନୁଷ୍ୟମାନେ ଈଶ୍ୱରଙ୍କ ବାକ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି । ପ୍ରକୃତରେ ମନୁଷ୍ୟ ଆସକ୍ତ ସହ ବାକ୍ୟଧ୍ୟାନ କଲେ ବିଭକ୍ତିକରଣ ଯେ କେତେ ଭୁଲ ଜାଣିପାରିବ । ଯୀଶୁଖ୍ରୀଷ୍ଟଙ୍କ ସ୍ଥାପିତ ଆଦ୍ୟ ମଣ୍ଡଳୀର ପଛାକୁ ଫେରିଯିବା ନିମନ୍ତେ ଅନେକ ଚେଷ୍ଟା ଚାଲିଛି । ଖ୍ରୀଷ୍ଟଧର୍ମର ସରଳ ସ୍ୱଚ୍ଛନ୍ଦ ସତ୍ୟତା ପୁନଃ ପ୍ରତିଷ୍ଠିତ ହୋଇପାରେ ବୋଲି ଆଜି ଖ୍ରୀଷ୍ଟଙ୍କ ମଣ୍ଡଳୀର ଉଦ୍ୟମ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଭକ୍ତିକରଣ ଖଣ୍ଡନ କରେ । ମତଶାଖାଗୁଡ଼ିକର ପ୍ରଥାରୁ ମନୁଷ୍ୟମାନେ ଆପଣାମାନଙ୍କୁ ବିମୁଖ କରି, ଖ୍ରୀଷ୍ଟଙ୍କ ମଣ୍ଡଳୀର ଏକତ୍ର ହେଲେ ବିଭକ୍ତିକରଣ ସମାପ୍ତ ହୋଇପାରିବ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଐକ୍ୟତାର ମଣ୍ଡଳୀ ଥିଲା । "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ । ଆଉ ସେମାନେ ଏକଚିତ୍ତ ହୋଇ

ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ । "......ବିଶ୍ୱାସୀ ଲୋକସମୂହ ଏକଚିତ୍ତ ଓ ଏକପ୍ରାଣ ଥିଲେ, ସେମାନଙ୍କ ମଧ୍ୟରୁ କେହିହେଲେ ଆପଣା ସମ୍ପତ୍ତି ମଧ୍ୟରୁ କିଛି ନିଜର ବୋଲି କହୁନଥିଲେ, କିନ୍ତୁ ସେମାନଙ୍କର ସମସ୍ତ ବିଷୟ ସାଧାରଣ ଥିଲା ।" (ପ୍ରେରିତ ୨:୪୨-୪୭, ୪:୩୨) ଖ୍ରୀଷ୍ଟଙ୍କ ମଣ୍ଡଳୀ ଆଜି ମଧ୍ୟ ଏହି ଆହ୍ୱାନ ପ୍ରତ୍ୟେକଙ୍କୁ ଜଣାଏ ।

ବାଇବଲ ଶିକ୍ଷାରୁ ଓ ଅନୁଭବରୁ ବିଭକ୍ତିକରଣ ଯେ ଭୁଲ, ଏହା ଆମେ ଜାଣିଥାଉ । "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।" "ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ' ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି, ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାର ମୋ' ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।" (ଯୋହନ ୧୭:୨୦,୨୧)

ନୂତନ ନୂତନ ମଣ୍ଡଳୀ ସ୍ଥାପନର ପ୍ରୟୋଜନ ନାହିଁ, କିନ୍ତୁ ଆଦିମ ଓ ସତ୍ୟ ମଣ୍ଡଳୀକୁ ପୁନଃସ୍ଥାପନ କରୁ । ଦଳର ନାମ, ଧର୍ମପଦ୍ଧତିର ନାମ ପ୍ରଭୃତି ତ୍ୟାଗ କରି ଖ୍ରୀଷ୍ଟଙ୍କ ନାମ ଧାରଣ କରୁ, ବାଇବଲର ଶିକ୍ଷା ଅନୁସରଣ କରି, ବାଇବଲ ନାମ ଧାରଣ କଲେ ବାଇବଲର ମଣ୍ଡଳୀର ସଭ୍ୟ ହୋଇ ପାରିବା ।

ଆଦିମ ମଣ୍ଡଳୀର ସଭ୍ୟମାନେ 'ଖ୍ରୀଷ୍ଟିୟାନ' ନାମକୁ ଧାରଣ କରିଥିଲେ, "ପୁଣି, ସେ ତାଙ୍କୁ ପାଇ ଆନ୍ତିୟଖିଆକୁ ଘେନି ଆସିଲେ, ସେମାନେ ସମ୍ପୂର୍ଣ୍ଣ ଏକବର୍ଷ ପର୍ଯ୍ୟନ୍ତ ମଣ୍ଡଳୀର ସହିତ ରହି ଅନେକ ଲୋକଙ୍କୁ ଶିକ୍ଷା ଦେଲେ, ପୁଣି ଆନ୍ତୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।" (ପ୍ରେରିତ ୧୧:୨୬) ସେମାନେ ପ୍ରେଟେଷ୍ଟିୟାନ କିଅବା କ୍ୟାଥୋଲିକ ନ ଥିଲେ । ଅନେକ ଶତାବ୍ଦୀ ଧରି ଏହି ନାମ ଶୁଣାଯାଇନଥିଲା, ଅତଏବ, ଆଦିମ ମଣ୍ଡଳୀର ପନୁଃସ୍ଥାପନ ଦ୍ୱାରା, ଆମ୍ଭେମାନେ ଆଦିମ ମଣ୍ଡଳୀର ସଭ୍ୟ ହୋଇପାରିବା ।

ଆଦିମ ଖ୍ରୀଷ୍ଟିୟାନମାନେ ମତଶାଖା ମଣ୍ଡଳୀର ସଭ୍ୟ ନଥିଲେ । ପାଉଲ, ପିତର, ଯାକୁବ ଓ ଯୋହନ ବିଭିନ୍ନ ମଣ୍ଡଳୀର ସଭ୍ୟ ନହୋଇ ଖ୍ରୀଷ୍ଟ ସ୍ଥାପିତ ମଣ୍ଡଳୀର ସଭ୍ୟ ଥିଲେ, ବରଂ ସେମାନେ ଦଳଭେଦର ବିରୋଧି ଥିଲେ, "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ, କାରଣ, ହେ ମୋହର ଭାଇମାନେ, ଖ୍ଲୟୀଙ୍କ ପରିଜନ ଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରେ ବାଦବିବାଦ ଅଛି । ମୋ କଥାର ଭାବ ଏହି, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି କହନ୍ତି, ମୁଁ ପାଉଲଙ୍କର କେହି କେହି କହନ୍ତି, ମୁଁ ଆପଲ୍ଲଙ୍କର, କେହି କେହି କହନ୍ତି ମୁଁ କେଫାଙ୍କର, ଆଉ କେହି କେହି କହନ୍ତି ମୁଁ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟ କି ବିଭକ୍ତ ହୋଇ ଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ?....... ଯେଣୁ, ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟେ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଇର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ? ଯେହେତୁ ଯେତେବେଳେ ଜଣେ କୁହେ, ମୁଁ ପାଉଲଙ୍କର ପୁଣି ଆଉ ଜଣେ କହେ, ମୁଁ ଆପଲ୍ଲଙ୍କର ସେତେବେଳେ ତୁମ୍ଭେମାନେ କି ଶାରୀରିକ ନୁହଁ ?" (୧ମ କରିନ୍ଥୀ ୧:୧୦-୧୩, ୩:୩-୪)

ପ୍ରତ୍ୟେକ ମନୁଷ୍ୟ ଖ୍ରୀଷ୍ଟଙ୍କ ଶିଷ୍ୟ ହୋଇ, ଖ୍ରୀଷ୍ଟିୟାନ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୁଅନ୍ତୁ ବୋଲି ଆମ୍ଭେମାନେ ଇଚ୍ଛା କରୁ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଆଧୁନିକ ଯୁଗରେ ସ୍ଥାପିତ ନୁହେଁ କିନ୍ତୁ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ଆଦ୍ୟ ମଣ୍ଡଳୀ । ମନୁଷ୍ୟ ଦତ୍ତ ନାମ, ପଦବୀ, ଧର୍ମଶିକ୍ଷା ପରିତ୍ୟାଗ କରି, ଖ୍ରୀଷ୍ଟଙ୍କ ଦତ୍ତ ନାମ, ପଦବୀ ଓ ଧର୍ମଶିକ୍ଷା ଅନୁସରଣ କରି, ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀର ସଭ୍ୟ ହେଉ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଅଧିକ ଜାଣିବାକୁ ଇଚ୍ଛାକଲେ ଆମ୍ଭମାନଙ୍କ ସହିତ ସଂପର୍କ କରନ୍ତୁ ।

***-K.S. Swamidas***

❋❋❋

# ବାଇବଲର ଆଶ୍ଚର୍ଯ୍ୟ କର୍ମ

## (Bible Miracles)

ଆଶ୍ଚର୍ଯ୍ୟକର୍ମର ଅର୍ଥ କଅଣ ? ବାଇବଲର ପ୍ରଥମ ଅଧ୍ୟାୟରେ "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ ।" ବୋଲି ଲିଖିତ ହୋଇଅଛି । (ଆଦି ୧:୧) । ସୃଷ୍ଟିକର୍ତ୍ତା ସମସ୍ତ ବିଷୟ ସୃଷ୍ଟି କରି, ସୃଷ୍ଟିକୁ ଆୟତ୍ତରେ ରଖିବା ନିମନ୍ତେ କେତୋଟି ନିୟମ ସ୍ଥାପନ କରିଥିଲେ । ଯଥା:-

- ସଜୀବ ପ୍ରତ୍ୟେକ ପ୍ରାଣୀ ଓ ଶାକ ସ୍ୱ ସ୍ୱ ଜାତିଅନୁଯାୟୀ ପ୍ରାଣୀ ଓ ଫଳୋତ୍ପାଦନ କରିବ । (ଆଦି ୧:୧୧, ୧୨, ୨୧, ୨୪, ୨୫)
- ଦିବସରେ ମହାଜ୍ୟୋତି (ସୂର୍ଯ୍ୟ) କର୍ତ୍ତୃକ କରିବ ଓ ରାତ୍ରିରେ ତାହାଠାରୁ ସାନ ଏକ ଜ୍ୟୋତି (ଚନ୍ଦ୍ର) କର୍ତ୍ତୃକ କରିବ ।

ଏପରି ଅନେକ ନିୟମ ସ୍ଥାପନ କରିଥିଲେ, ଯାହାଦ୍ୱାରା ଏହି ବିଶ୍ୱ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇ ଆସୁଅଛି ।

ସଦାପ୍ରଭୁ ସୃଷ୍ଟି ସମୟରେ ସ୍ଥାପନ କରିଥିବା ନିୟମ ଦ୍ୱାରା ଏବେ ପର୍ଯ୍ୟନ୍ତ ଏହି ସୃଷ୍ଟି ପରିଚାଳିତ । ଏହିସବୁ ନିୟମଗୁଡ଼ିକ "ପ୍ରାକୃତିକ ନିୟମ" ରୂପେ ପରିଚିତ । ପ୍ରତ୍ୟେକ ସଜୀବ ପ୍ରାଣୀ ସ୍ୱସ୍ୱ ଜାତିନୁଯାୟୀ ପ୍ରାଣୀ ଉତ୍ପନ୍ନ କରୁଅଛନ୍ତି । ସୂର୍ଯ୍ୟ ଦିବସ ଓ ଚନ୍ଦ୍ର ରାତ୍ରିର କର୍ତ୍ତୃକ କରେ । କୃତି ସୃଷ୍ଟି ପ୍ରାରମ୍ଭରୁ ଏକ ରୀତିରେ କାର୍ଯ୍ୟ କରୁଅଛି । ପ୍ରାକୃତିକ ନିୟମ ଗୁଡ଼ିକର କିଛି ପରିବର୍ତ୍ତନ ନାହିଁ ।

ବିଭିନ୍ନ ସମୟରେ ବିଭିନ୍ନ କାରଣ ଯୋଗୁଁ ସଦାପ୍ରଭୁ ପ୍ରାକୃତିକ ନିୟମ ବିରୁଦ୍ଧରେ କେତୋଟି କାର୍ଯ୍ୟ ସମ୍ପନ୍ନ କରିଥିଲେ । "ତାହା ଏକ ଆଶ୍ଚର୍ଯ୍ୟ କର୍ମ" ବୋଲି ଆମେ କହୁ ! "ପ୍ରାକୃତିକ ନିୟମ" ବିରୁଦ୍ଧରେ ଯେଉଁ କାର୍ଯ୍ୟ ସାଧିତ ହୁଏ ତାହା ଆଶ୍ଚର୍ଯ୍ୟ କର୍ମ । ତୁଫାନ, ଭୂମିକମ୍ପ, ସୂର୍ଯ୍ୟଗ୍ରହଣ ପ୍ରଭୃତି ଘଟଣା ସବୁବେଳେ ନହେଲେ ସୁଦ୍ଧା, ତାହା ଆଶ୍ଚର୍ଯ୍ୟ ଘଟଣା ନୁହେଁ ।

ପୁରାତନ ନିୟମର ସମୟରେ ଅନେକ ଆଶ୍ଚର୍ଯ୍ୟ କର୍ମ ବାଇବଲରେ ଲିଖିତ ହୋଇଅଛି । ମୋଶାଙ୍କ ହସ୍ତର ଯୋଷ୍ଟୀ ସର୍ପ ହେବା ଓ ସର୍ପ ପୁନଃର୍ବାର ଯୋଷ୍ଟୀ ହେବା ଯାତ୍ରା ୪:୨-୪ ପଦରେ ପଢ଼ିଥାଉଁ । ସୂଫ ସମୁଦ୍ର ଦୁଇଭାଗରେ ବିଭକ୍ତ ହେବାରୁ ଶୁଷ୍କ ଭୂମିରେ ଇଶ୍ରାଏଲୀୟ ସନ୍ତାନମାନେ ଯାତ୍ରା କରିଥିଲେ । (ଯାତ୍ରା

୧୪:୨୧) । ଲୁହାର କୁରାଢ଼ି ଜଳରେ ଭାସିଥିଲା (୨ୟ ରାଜାବଳୀ ୬:୫-୬) ଯର୍ଦ୍ଦନ ନଦୀରେ ସାତଥର ଆପଣାକୁ ଡୁବନ କରି, ସିରିଆ ଦେଶ ସେନାଧିପତି ନାମନ୍ କୁଷ୍ଠରୋଗରୁ ସୁସ୍ଥ ହୋଇଥିଲେ । (୨ୟ ରାଜାବଳୀ ୫ ପର୍ବ) ଇଶ୍ରାଏଲ୍ ଦେଶରେ ଦୁର୍ଭିକ୍ଷ ସମୟରେ ଏକ ବିଧବା ଗୃହରେ ମଇଦା କଳସ ଶୂନ୍ୟ ହେଲା ନାହିଁ, କିଅବା ତୈଳର ଅଭାବ ହେଲା ନାହିଁ । (୧ମ ରାଜାବଳୀ ୧୭:୯-୧୬) ପ୍ରାକୃତିକ ନିୟମର ବିପରୀତ ଭାବେ ଏହିସବୁ ଘଟଣା ଘଟିଥିବାରୁ, ସେଗୁଡ଼ିକ ''ଆଶ୍ଚର୍ଯ୍ୟ ଘଟଣା'' ।

ଯୀଶୁ ଏହି ଜଗତରେ ଜୀବନଯାପନ କରିବା ସମୟରେ ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ଗାଲୀଲୀ ସମୁଦ୍ରର ତୁଫାନକୁ ଶାନ୍ତ କରିଥିଲେ । (ମାଥିଉ ୮:୨୩-୨୭) ପାଞ୍ଚରୋଟୀ ଓ ଦୁଇ ମାଛର ଖଣ୍ଡ ଦ୍ୱାରା ପାଞ୍ଚ ହଜାର ପୁରୁଷ ଓ ଅନେକ ସ୍ତ୍ରୀମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । (ଯୋହନ ୬:୧-୧୩) । ଜନ୍ମାନ୍ଧକୁ ଦୃଷ୍ଟିଶକ୍ତି ଦେଇଥିଲେ । (ଯୋହନ ୯) ଅନେକ ରୋଗୀମାନଙ୍କୁ ସୁସ୍ଥ କରିଥିଲେ । (ମାଥିଉ ୮:୧୬) ଯାଇରସଙ୍କ କନ୍ୟା (ମାର୍କ ୯:୧୮-୨୬), ନାଇନ ବିଧବାର ପୁତ୍ର (ଲୂକ ୭:୧୧-୧୫), ଲାଜରଙ୍କୁ (ଯୋହନ ୨) ମୃତ୍ୟୁରୁ ପୁନଃଜୀବିତ କରିଥିଲେ । ଏହିସବୁ ପ୍ରାକୃତିକ ନିୟମକୁ ବଦଳାଇ, ଆଶ୍ଚର୍ଯ୍ୟକର୍ମ କରିବାକୁ ସକ୍ଷମ ଅଟନ୍ତି ।

ପ୍ରାକୃତିକ ନିୟମ ବଦଳାଇ, କାହିଁକି ପରମେଶ୍ୱର ଆଶ୍ଚର୍ଯ୍ୟକର୍ମ କରାଇଥିଲେ । ଆଶ୍ଚର୍ଯ୍ୟକର୍ମ ବିଷୟରେ ବାଇବଲ କଅଣ କହେ ? ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ବିଷୟରେ ବାଇବଲ କଅଣ କହେ ?

**ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ :** ନୂତନ ନିୟମରେ ବର୍ଣ୍ଣିତ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ଲୋକେ ଶାରୀରିକ ଭାବେ ଲାଭପ୍ରାପ୍ତ ହୋଇଥିଲେ । ଅନ୍ଧ ଦୃଷ୍ଟି ପାଇଥିଲା, ମରିୟମ ଓ ମାର୍ଥା ଆପଣା ମୃତ ଭାଇକୁ ପୁନଃଜୀବିତ ପାଇଥିଲେ । ଅନେକ ଆରୋଗ୍ୟ ପ୍ରାପ୍ତ ହେଲେ । ଶିଷ୍ୟମାନେ ତୁଫାନ୍‌ର ଭୟରୁ ମୁକ୍ତ ହେଲେ । କେବଳ ଏହା କି ଆଶ୍ଚର୍ଯ୍ୟକର୍ମର ଉଦ୍ଦେଶ୍ୟ ?

ଯୋହନ ୨୦:୩୦-୩୧ରେ କୁହାଯାଏ, ''ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖାହୋଇନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।'' ଯିହୂଦୀମାନଙ୍କ ଜଣେ ନେତା

ଯୀଶୁଙ୍କୁ କହିଲେ,"ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ ସେହିସବୁକେହି କରିପାରେ ନାହିଁ ।" (ଯୋହନ ୩,୨)

ଲାଜର ପୀଡ଼ିତ ଅଛନ୍ତି ବୋଲି ଜାଣି ଯୀଶୁ ଯେଉଁ ସ୍ଥାନରେ ଥିଲେ, ସେଠାରେ ଆହୁରି ଦୁଇଦିନ ବିଳମ୍ବ କଲେ, (ଯୋହନ ୧୧:୬) । ଲାଜର ମୃତ୍ୟୁ ଭୋଗିଲେ ଜାଣି ସେ କହିଲେ,"........ମୁଁ ଯେ ସେ ସ୍ଥାନରେ ନଥିଲି, ଏଥି ସକାଶେ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଅଛି, ଯେପରି ତୁମ୍ଭେମାନେ ବିଶ୍ୱାସ କରିବ......." (ଯୋହନ ୧୧:୧୫) ତତ୍ପରେ ସେମାନେ ଲାଜରଙ୍କ ସମାଧି ନିକଟକୁ ଯାଇ ତାହାଙ୍କୁ ସଜୀବ କରିଥିଲେ । ଲେଖାଯାଏ,".........ଯିହୂଦୀମାନଙ୍କ ମଧ୍ୟରୁ ଅନେକେ, ଅର୍ଥାତ୍ ଯେଉଁମାନେ ମରିୟମଙ୍କ ନିକଟକୁ ଆସିଥିଲେ ଓ ଯୀଶୁଙ୍କ କର୍ମ ଦେଖିଥିଲେ, ସେମାନେ ତାହାଙ୍କ ଠାରେ ବିଶ୍ୱାସ କଲେ,........" (ଯୋହନ ୧୧:୪୫)

ପ୍ରେରିତ ପିତର ପେଣ୍ଟିକଷ୍ଟ ଦିନରେ ଉପସ୍ଥିତ ଜନତାକୁ କହିଥିଲେ, "......ହେ ଇସ୍ରାଏଲୀୟ ଲୋକମାନେ, ଏହି ସମସ୍ତ କଥା ଶୁଣନ୍ତୁ, ନାଜରିତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ଈଶ୍ୱରଙ୍କ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ତାହାଙ୍କ ଦ୍ୱାରା ଈଶ୍ୱର ଯେ ଆପଣମାନଙ୍କ ମଧ୍ୟରେ ଏହି ସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି...." (ପ୍ରେରିତ ୨:୨୨) ଉପରୋକ୍ତ ବଚନଗୁଡ଼ିକ ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ଏହା ପ୍ରମାଣିତ କରେ, ଆଶ୍ଚର୍ଯ୍ୟକର୍ମଗୁଡ଼ିକର ଉଦ୍ଦେଶ୍ୟ ସଫଳ ହେଲା ତାହାଦ୍ୱାରା ମନୁଷ୍ୟମାନଙ୍କ ହୃଦୟରେ ବିଶ୍ୱାସ ଜାତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନେ ଆଶ୍ଚର୍ଯ୍ୟକର୍ମ କରିବାକୁ ସକ୍ଷମ ଥିଲେ । (ପ୍ରେରିତ ୩:୧-୧୧, ୯:୩୬-୪୨, ୧୪:୮-୧୦) ସେମାନଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଗୁଡ଼ିକ, ଶିଷ୍ୟମାନେ ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଓ ସେମାନଙ୍କ ପ୍ରଚାରିତ ବାଣୀ ସତ୍ୟ ବୋଲି ପ୍ରମାଣିତ କରିଥିଲା ।

ମାର୍କ ୧୬:୧୫-୧୮ ପଦରେ ଯୀଶୁଖ୍ରୀଷ୍ଟ, ସମସ୍ତ ସୃଷ୍ଟିରେ ସୁସମାଚାର ପ୍ରଚାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସେମାନଙ୍କ ବାକ୍ୟ ପ୍ରମାଣସିଦ୍ଧ ହୋଇଥିଲା । ସେହି ଚିହ୍ନଗୁଡ଼ିକ ହେଲା, ଯୀଶୁଙ୍କ ନାମରେ ଭୂତ ଛଡ଼ାଇବା ନୂତନ ନୂତନ ଭାଷାରେ କଥା କହିବା, ହାତରେ ସର୍ପ ଧରିବା, ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କ କ୍ଷତି ନହେବା ପ୍ରଭୃତି । ୨୦ତମ ପଦରେ

ଲେଖାଯାଏ,''କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ଅନୁବର୍ତ୍ତୀ ଚିହ୍ନଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ,''ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା ? ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା । ସେ ସମ୍ବନ୍ଧରେ ଈଶ୍ୱର ମଧ୍ୟ ନିଜ ଇଚ୍ଛାନୁସାରେ ନାନା ଚିହ୍ନ ଓ ଅଦ୍ଭୁତ କର୍ମ ପୁଣି ବିବିଧ ଶକ୍ତିର କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଅନ୍ୟାନ୍ୟ ଦାନ ଦ୍ୱାରା ସାକ୍ଷ୍ୟ ଦେଇ ଅଛନ୍ତି ।'' (ଏବ୍ରୀ ୨:୩-୪)

ଆଧୁନିକ ଯୁଗରେ ଅନେକେ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି ବୋଲି ଦାବୀ କରନ୍ତି । ସେଗୁଡ଼ିକ ବିଶ୍ୱାସ କରିବା ପୂର୍ବରୁ, କେତୋଟି ପ୍ରଶ୍ନ ଆପଣ ପଚାରନ୍ତୁ :-

- ମୁଁ କି କୌଣସି ଘଟଣା ଦେଖିଲି, ଯାହା ମୋତେ ଆଶ୍ଚର୍ଯ୍ୟ ଲାଗିଲା ?
- ଜଣେ ମନୁଷ୍ୟ ତୁଫାନ ସହିତ କଥା କହି ତାହାକୁ ଶାନ୍ତ କରିବା କି ମୁଁ ଦେଖିଅଛି ?
- ଚାଳିଶ ବର୍ଷରୁ ଜନ୍ମାନ୍ଧ ମନୁଷ୍ୟ, ଦୃଷ୍ଟିଶକ୍ତି ପାଇଥିବା ବ୍ୟକ୍ତିଙ୍କୁ ମୁଁ ଦେଖିଅଛି ?
- ଚାରିଦିନରୁ ମୃତ ବ୍ୟକ୍ତି ଜୀବିତ ହେବା କି ମୁଁ ଜାଣିଅଛି ?

ଯୀଶୁ ଓ ତାହାଙ୍କ ଶିଷ୍ୟଗଣ ବହୁ ଜନ ସମାଜ ସମ୍ମୁଖରେ ଅଦ୍ଭୁତକର୍ମ ସାଧନ କରିଥିଲେ । ମନୁଷ୍ୟମାନେ ସେଗୁଡ଼ିକ ପ୍ରକୃତରେ ଆଶ୍ଚର୍ଯ୍ୟକର୍ମ ବୋଲି ଜ୍ଞାତ ହୋଇଥିଲେ । ଆଜିର କୃତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ କି ଏହିପରି ସାକ୍ଷ୍ୟ ଦିଏ ?

ମନୁଷ୍ୟମାନେ ଯେପରି ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବେ, ଏଥି ନିମନ୍ତେ ବାଇବଲରେ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ ଲିଖିତ ହୋଇଅଛି । ପ୍ରେରିତମାନଙ୍କ ଦ୍ୱାରା ପ୍ରଚାରିତ ବାକ୍ୟଗୁଡ଼ିକ, ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସତ୍ୟ ବୋଲି ପ୍ରମାଣିତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରକାଶିତ କରି, ତାହାଙ୍କ ଇଚ୍ଛା ଏହି ଜଗତରେ ପ୍ରକଟିତ କରିବା, ଆଶ୍ଚର୍ଯ୍ୟକର୍ମର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଏହାର ଉଦ୍ଦେଶ୍ୟ ସଫଳ ହେବା ପରେ, ଏହାର ଆବଶ୍ୟକତା ନୋହିଲା । ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ''ହେବ ବୋଲି ପ୍ରେରିତ ପାଉଲ ଆଶ୍ଚର୍ଯ୍ୟକର୍ମ ବିଷୟରେ ୧ମ କରିନ୍ଥୀ ୧୩:୧୦ ପଦରେ କହିଅଛି । ଯାକୁବଙ୍କ ଅନୁଯାୟୀ ''ସ୍ୱାଧୀନତାର ବ୍ୟବସ୍ଥା'' ହିଁ ସିଦ୍ଧ ବିଷୟ । ''ଯେ ସିଦ୍ଧ, ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତା ମାତ୍ର ନହୋଇ ବରଂ କାଯ୍ୟକାରୀ ହୁଏ, ସେ ଆପଣା କାର୍ଯ୍ୟରେ ଧନ୍ୟ ।'' (ଯୋହନ ୧:୨୫)

‘‘ସିନ୍ଧ’’ ଅର୍ଥାତ୍ ‘‘ସ୍ୱାଧୀନତାର ବ୍ୟବସ୍ଥା’’ ବର୍ତ୍ତମାନ ପ୍ରଚଳନରେ ଅଛି । ଏହା ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ବ୍ୟବସ୍ଥା ଯାହା ଆମ୍ଭେମାନେ ‘‘ନୂତନ ନିୟମ’’ ରୂପେ ଜାଣୁ । (ଯୋହନ ୧୬:୧୨-୧୩, ୨ ପିତର ୧:୩) । ଏହି ନୂତନ ନିୟମ, ‘‘....ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସ.......’’ (ଯିହୂଦା ୩) । ଏହି ସିନ୍ଧ, ସ୍ୱାଧୀନତାର ବ୍ୟବସ୍ଥା ଅନୁସନ୍ଧାନ କରି, ପରମେଶ୍ୱରଙ୍କ ଇଚ୍ଛାର ଅନୁସରଣକାରୀମାନେ ଅନନ୍ତଜୀବନ ଅଧିକାର କରିବେ । ***- A.A. Meeks***

❋❋❋

# ସଦାପ୍ରଭୁଙ୍କ ସଂକଳ୍ପିତ ସ୍ତ୍ରୀ

## (God's plan for woman)

ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ ବୋଲି ସଦାପ୍ରଭୁ ଜାଣି, ତାହାର ଅନୁରୂପ ସହକାରିଣୀ ରୂପେ ନାରୀକୁ ନିର୍ମାଣ କଲେ । ନର ଓ ନାରୀ ଆମ୍ଭମାନଙ୍କ ସୁପରିଚିତ ଆମ୍ଭମାନଙ୍କ ଆଦିମାତା ମାତାଙ୍କ ନାମ ଆଦମ ଓ ହବା । ସେମାନେ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରିବାରୁ ଏହି ଜଗତରେ ପାପ ଓ ମୃତ୍ୟୁ ପ୍ରବେଶ କଲା । ଶୟତାନର ପ୍ରଲୋଭନରେ ନାରୀ ପ୍ରଲୋଭିତ ହୋଇ ପ୍ରଥମେ ପାପ କରିଥିଲେ ସୁଦ୍ଧା ସଦାପ୍ରଭୁ ନାରୀକୁ ସଂପୂର୍ଣ୍ଣରୂପେ ପରିତ୍ୟାଗ କରିନାହାନ୍ତି । ହବା (ଜୀବନ) ପ୍ରତ୍ୟେକ ମନୁଷ୍ୟ ଜାତିର ମାତା ଅଟନ୍ତି । ସେହିପରି ଅବ୍ରାହମଙ୍କ ଭାର୍ଯ୍ୟା ସାରା (ରାଣୀ)ଙ୍କୁ ସଦାପ୍ରଭୁ ଆଶୀର୍ବାଦ କରିଥିଲେ । ସେ ନାନା ଗୋଷ୍ଠୀର ଆଦିମାତା ଓ ତାହାଙ୍କ ଠାରୁ ନାନାଦେଶୀୟ ରାଜଗଣ ତାହାଙ୍କ ଠାରୁ ଉତ୍ପନ୍ନ ହୋଇଥିଲେ । (ଆଦି ୧୭:୧୬)

ଜ୍ଞାନୀ ଶଲୋମନ କହନ୍ତି, **‘‘ଯେଉଁ ଲୋକ ଭାର୍ଯ୍ୟା ପାଏ ସେ ଉତ୍ତମ ବସ୍ତୁ ପାଏ, ସଦାପ୍ରଭୁଙ୍କ ଠାରୁ ଅନୁଗ୍ରହ ପାଏ ।’’** (ହିତ ୧୮:୨୨) **‘‘ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।’’** (ହିତ ୧୯:୧୪) ସମସ୍ତ ଉତ୍ତମ ଓ ଶ୍ରେଷ୍ଠ ଦାନ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଦାନ ବୋଲି ଆମେ ଜାଣୁ । (ଯାକୁବ ୧:୧୭) **‘‘ଗୁଣବତୀ ସ୍ତ୍ରୀ କିଏ ପାଇପାରେ । ମୁକ୍ତା ଠାରୁ ହିଁ ତାହାର ମୂଲ୍ୟ ଅଧିକ ।’’** (ହିତ ୩୧:୧୦) **‘‘ଗୁଣବତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ, ମାତ୍ର ଲଜ୍ଜାଦାୟିନୀ ସ୍ତ୍ରୀ ତାହାର ହାଡ଼ସବୁର କ୍ଷୟସ୍ୱରୂପ ।’’** (ହିତ ୧୨:୪) ସଦାପ୍ରଭୁ ନାରୀକୁ ଏପରି ଗୌରବମୟ ସ୍ଥାନରେ ରଖିଅଛନ୍ତି ।

ବିଚାରକର୍ତ୍ତା ପୁସ୍ତକର ଚତୁର୍ଥ ଅଧ୍ୟାୟରେ ଦବୋରା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ଲପ୍ପୀଦୋତ୍‌ଙ୍କର ଭାର୍ଯ୍ୟା । ସେ ଏକ ଭବିଷ୍ୟଦ୍‌ବକ୍ତ୍ରୀ ଓ ଅନେକ ବର୍ଷ ନିମନ୍ତେ ସେ ସଦାପ୍ରଭୁଙ୍କ ନିଯୁକ୍ତ ଇଶ୍ରାଏଲ୍‌ର ବିଚାରକର୍ତ୍ତ୍ରୀ । ଇଶ୍ରାଏଲ୍, ସୀଷରା ରାଜା ସହିତ ଯୁଦ୍ଧ କରିବା ସମୟରେ ବାରକଙ୍କ ସହିତ ଯୁଦ୍ଧ କ୍ଷେତ୍ରକୁ ଯାଇଥିଲେ । ଯୁଦ୍ଧରେ ପରାସ୍ତ ସୀଷରା ପଦଗତିରେ କେନୀୟ ହେବରର ଭାର୍ଯ୍ୟା ଯାୟେଲର ତମ୍ବୁରେ ଶରଣ ନେଲା । ସେ ଗାଢ଼ ନିଦ୍ରାରେ ଶୋଇଥିବା ସମୟରେ ଯୋୟେଲ ତମ୍ବୁର ଗୋଟିଏ ମେଖ ହାତୁଡ଼ି ଦ୍ୱାରା ଧିରେ ଧିରେ କର୍ଣ୍ଣମୂଳରେ ମାରନ୍ତେ ତାହା ଫୁଟି ଭୂମିକି ଗଲା । ଏହିରୂପେ ସେ ଦିନ ଦୁଇ ସ୍ତ୍ରୀ ଦ୍ୱାରା ସଦାପ୍ରଭୁ ଇଶ୍ରାଏଲ୍‌କୁ ଜୟ ଦେଇଥିଲେ ।

ନାଜରିତର କନ୍ୟା ମରିୟମଙ୍କ ଗର୍ଭ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କ ଜଗତରେ ସେବା ପରିଚର୍ଯ୍ୟା ସମୟରେ ଅନେକ ସ୍ତ୍ରୀ ଅର୍ଥାତ୍ ମଗଦଲୀନୀ ନାମ୍ନୀ ମରିୟମ, ହେରଦଙ୍କ ବେବର୍ତ୍ତା ଖୁଜାଙ୍କ ଭାର୍ଯ୍ୟା ଯୋହନା, ଶୋଶନ୍ନା, ପୁଣି ଆହୁରି ଅନେକ ସ୍ତ୍ରୀ ତାହାଙ୍କ ସଙ୍ଗେରେ ଥାଇ ଆପଣା ଆପଣା ସମ୍ପତ୍ତି ଦେଇ ସେମାନଙ୍କ ସେବା କରୁଥିଲେ । (ଲୂକ ୮:୧-୩) । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ଟାବୀଥା ନାମ୍ନୀ ଏକ ସ୍ତ୍ରୀ ବିଷୟରେ ପଢ଼ିଥାଉଁ । ସେ ନାନା ସତ୍‌କର୍ମ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ । ସେ ମୃତ୍ୟୁ ଭୋଗିବାରୁ ଶିଷ୍ୟମାନେ ପିତରଙ୍କୁ ଡାକି ତାହାଙ୍କ ସଦ୍‌ଗୁଣ ସବୁ ଜଣାଇବାରୁ, ପିତର ତାହାଙ୍କୁ ମୃତ୍ୟୁରୁ ପୁନଃଜୀବିତ କରିଥିଲେ । (ପ୍ରେରିତ ୯:୩୬-୪୧) । ଷଷ୍ଠାଦଶ ଅଧ୍ୟାୟରେ ଲୁଦିଆଙ୍କ ଆତିଥ୍ୟ ସତ୍କାର ଓ ଅଷ୍ଟାଦଶ ଅଧ୍ୟାୟରେ ପ୍ରିସ୍କିଲା ଆପଲ୍ଲଙ୍କୁ କିପରି ପ୍ରଭୁଙ୍କ ମାର୍ଗ ସୂକ୍ଷ୍ମ ବିଷୟରେ ଜଣାଇଥିଲେ ପଢ଼ିଥାଉଁ ।

ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ପାଉଲ ଆଜ୍ଞା ଦେଇ କହନ୍ତି, "ସେହି ପ୍ରକାରେ ମଧ୍ୟ ସ୍ତ୍ରୀ କେଶବିନ୍ୟାସ ଏବଂ ସୁବର୍ଣ୍ଣ କି ମୁକ୍ତା କି ମୂଲ୍ୟବାନ ହସ୍ତରେ ଆପଣା ଆପଣାକୁ ଭୂଷିତା ନକରି ଲଜ୍ଜା ଓ ସୁବୁଦ୍ଧି ସହକାରେ ପରିପାଟୀ ପରିଚ୍ଛନ୍ନ ପିନ୍ଧି ଧର୍ମପରାୟଣା ସ୍ତ୍ରୀମାନଙ୍କ ଉପଯୋଗୀ ସତ୍‌କର୍ମ ରୂପ ଭୂଷଣରେ ଆପଣା ଆପଣାକୁ ଭୂଷିତ କରନ୍ତୁ । ସ୍ତ୍ରୀ ପୂର୍ଣ୍ଣ ବଶତା ସ୍ୱୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ ।" (୧ମ ତୀମଥି ୨:୯-୧୧) । "ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନହୁଏ, ଏଥି ନିମନ୍ତେ ସେମାନେ ସନ୍ତାନବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶୀଳା ଓ ଆପଣା

ଆପଣା ସ୍ୱାମୀର ବଶୀଭୂତା ହେବାକୁ ଶିକ୍ଷା ଦିଅନ୍ତୁ ।'' (ତିତସ ୨:୪-୫) । ପିତର ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ଲେଖନ୍ତି,''......ହେ ଭାର୍ଯ୍ୟାମାନେ, ତୁମ୍ଭେମାନେ ଆପଣା ଆପଣା ସ୍ୱାମୀଙ୍କର ବଶୀଭୂତା ହୁଅ, ଯେପରି ସେମାନଙ୍କ ମଧ୍ୟରୁ କେହି କେହି ବାକ୍ୟର ଅନାଜ୍ଞାବହ ହେଲେ ସୁଦ୍ଧା ତୁମ୍ଭମାନଙ୍କର ସଭୟ ସଦା ଆଚରଣ ଦେଖି ବାକ୍ୟ ବିନୁ ଆପଣା ଆପଣା ଭାର୍ଯ୍ୟାର ଆଚରଣ ଦ୍ୱାରା ପରିବର୍ତ୍ତିତ ହେବେ । ପୁଣି କେଶବେଶ, ସୁବର୍ଣ୍ଣ ଆଭରଣ ଓ ସୁନ୍ଦର ବସ୍ତ୍ର ପରିଧାନ, ଏପରି ଯେଉଁ ବାହ୍ୟଭୂଷଣ, ତାହା ତୁମ୍ଭମାନଙ୍କର ଭୂଷଣ ନହୋଇ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ, ତାହାହିଁ, ତୁମ୍ଭମାନଙ୍କର ଅକ୍ଷୟ ଭୂଷଣ ହେଉ ।'' (୧ମ ପିତର ୩:୧-୪)

ସଦାପ୍ରଭୁ ସ୍ତ୍ରୀକୁ ଏକ ଭାର୍ଯ୍ୟା, ଏକ ମାତା, ଗୃହିଣୀ, ଅନ୍ୟମାନଙ୍କ ଶିକ୍ଷାଦେବାର ଏକ ଉତ୍ତମ ଶିକ୍ଷିକା ରୂପେ ନିର୍ମାଣ କରିଅଛନ୍ତି । ଫିଲିପ ମଣ୍ଡଳୀର ଇୟଦିଆ ଓ ସୁନ୍ତୁଖୀ ବିଷୟରେ ପାଉଲ ଲେଖନ୍ତି,''ପୁଣି ହେ ପ୍ରକୃତ ସହକାରୀ ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ୍ୟ ନିବେଦନ କରୁଅଛି, କାରଣ ଏମାନେ କ୍ଲେମେନେସ୍ ଓ ମୋହର ଅନ୍ୟ ସହକର୍ମୀମାନଙ୍କ ସଙ୍ଗରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରିଅଛନ୍ତି, ସେହି ସହକର୍ମୀମାନଙ୍କର ନାମ ଜୀବନପୁସ୍ତକରେ ଅଛି ।'' (ଫିଲିପୀୟ ୪:୩-୪) ଯେଉଁମାନେ ଉତ୍ତମ ଭାର୍ଯ୍ୟା, ଉତ୍ତମ ମାତା, ଉତ୍ତମ ଶିକ୍ଷାଦାୟିନୀ, ସୁସମାଚାର କାର୍ଯ୍ୟରେ ପରିଶ୍ରମ କରନ୍ତି, ଏପରି ସ୍ତ୍ରୀମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହୋଇଅଛି । ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି, ତାହାଙ୍କ ମାର୍ଗରେ ଚାଲିବାରେ ଆପଣା ଆପଣାକୁ ଆୟତ୍ତ କରନ୍ତି ନାହିଁ ସେମାନଙ୍କ ଆପଣା ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ, ମଣ୍ଡଳୀର ସ୍ଥାନ ଉପରେ ପ୍ରଭାବିତ ହୁଏ । ଆସ ଆମ୍ଭେମାନେ ବାକ୍ୟ ଲିଖିତ ସୁଗୁଣଗୁଡ଼ିକ ପ୍ରାପ୍ତ ହେବା ନିମନ୍ତେ ଆପଣା ଆପଣାକୁ ଆୟତ୍ତ କରୁ ।

***- Leelavati, KKD***

❋❋❋

# ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ?
## (Why Christ died ?)

କ୍ରୁଶ ଓ ଖ୍ରୀଷ୍ଟଙ୍କ ମରଣ, ମନୁଷ୍ୟ ପରିତ୍ରାଣର ଖ୍ରୀଷ୍ଟିୟ ଆରାଧନାର ଓ ଖ୍ରୀଷ୍ଟିୟ ଜୀବନର ମୁଖ୍ୟ ବିଷୟବସ୍ତୁ । ନ୍ୟାୟବାନ ଅନ୍ୟାୟରେ, ଧାର୍ମିକ ଅଧାର୍ମିକମାନଙ୍କ ନିମନ୍ତେ, ନିର୍ଦ୍ଦୋଶୀ ଦୋଷୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିବା ଦେଖୁଅଛୁ । ଯୀଶୁଖ୍ରୀଷ୍ଟଙ୍କ ଅତ୍ୟଧିକ ଭାବେ ପ୍ରେମ କରୁଥିବା ଶିଷ୍ୟ ଯୋହନ ତାହାଙ୍କ ବିଷୟରେ କହନ୍ତି, "....ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।" (ଯୋହନ ୧:୨୯) । ଜଗତର ପାପ ଭାର ପରମେଶ୍ୱରଙ୍କ ମେଷଶାବକ ବହି ନେବେ ବୋଲି ଯିଶାଇୟ ୫୩ ପର୍ବରେ ଭାବବାଣୀ ପ୍ରକଟ କରିଥିଲେ ।

**କାଲବରୀ କ୍ରୁଶ ଉପରେ ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ତାହାର କେତୋଟି କାରଣ :-**

**ରାଜା ହେବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ :** ଯୀଶୁଖ୍ରୀଷ୍ଟ ଏ ଜଗତକୁ ଏକ ଅଶ୍ୱାରୋହୀ ଯୋଦ୍ଧା ରୂପେ ନ ଆସି, ଏକ ନମ୍ର ଗର୍ଦ୍ଦଭାରୋହୀ ହୋଇ ଏ ଜଗତକୁ ଆସିଥିଲେ । (ଜିଖ ୯:୯) । ଦେଶ, ଜାତି, ନଗର ଜୟୀ ହେବାକୁ ନ ଆସି ସେ ମନୁଷ୍ୟମାନଙ୍କ ହୃଦୟ ଜୟ କରିବା ନିମନ୍ତେ ସେ ଏ ଜଗତକୁ ଆସିଥିଲେ । ସେ ଏକ ଜାତି ନେତାରୂପେ ଆସି ନଥିଲେ, କିନ୍ତୁ ସେ ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ସେ ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ଆପଣା ପ୍ରାଣ ଦେବା ନିମନ୍ତେ ଏ ଜଗତକୁ ଆସିଥିଲେ । (ମାଥିଉ ୨୦:୨୮) । ସେ କ୍ରୁଶୀୟ ମୃତ୍ୟୁ ଦ୍ୱାରା ମୃତ୍ୟୁକୁ ଜୟ କରି ରାଜାମାନଙ୍କ ରାଜା, ପ୍ରଭୁମାନଙ୍କ ପ୍ରଭୁ ଓ ଆତ୍ମାର ତ୍ରାଣକର୍ତ୍ତା ରୂପେ ନିଯୁକ୍ତ ହୋଇଅଛନ୍ତି । (ମାଥିଉ ୨୦:୨୮) । ସେ ମୃତ୍ୟୁଭୋଗ କରି ଆତ୍ମମାନଙ୍କ ଆତ୍ମାର ରାଜା ହୋଇଅଛନ୍ତି ।

**ସେ ଯେ ମଶୀହ ଅଟନ୍ତି, ଏହା ପ୍ରମାଣ କରିବା ନିମନ୍ତେ ଯୀଶୁ ମୃତ୍ୟୁ ଭୋଗିଲେ :** କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣାକୁ ମଶୀହ ରୂପେ ପ୍ରମାଣିତ କରିଅଛନ୍ତି । "........ସେ ପାପ ମାର୍ଜନା କଲା ଉତ୍ତାରେ ଉର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି (ଏବ୍ରୀ ୧:୨-୪) ତୃତୀୟ ଦିନରେ ମୃତ୍ୟୁରୁ ଉତ୍ଥିତ ହୋଇ ମୃତ୍ୟୁକୁ ପରାଜୟ କରିଅଛନ୍ତି (୧ମ କରିନ୍ଥୀ ୧୫:୧-୧୯) । କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣା ମଶୀହତ୍ୱ ପ୍ରମାଣିତ କରିଅଛନ୍ତି ।

**ପରମେଶ୍ୱରଙ୍କ ପ୍ରେମ ପ୍ରକାଶ କରିବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ**

**ଭୋଗିଲେ :** ପାଉଲ ଲେଖନ୍ତି, "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ଯୋହନ ୩:୧୬) ଈଶ୍ୱରଙ୍କ ପୁତ୍ରଙ୍କ କ୍ରୁଶୀୟ ମୃତ୍ୟୁର କାରଣ ହେଲା, ମନୁଷ୍ୟମାନଙ୍କ ପ୍ରତି ତାହାଙ୍କ ଅପାର ପ୍ରେମ ।

ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ : ଆମ୍ଭମାନଙ୍କ ପାପମୋଚନ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ଢଳା ଯାଇଥିଲା (ରୋମୀୟ ୫:୯-୧୧)। ଅତୀତର ପାପୀ ଓ ଭବିଷ୍ୟତର ପାପୀ, ପ୍ରତ୍ୟେକଙ୍କ ପାପକ୍ଷମା ତାହାଙ୍କ ରକ୍ତ ଦ୍ୱାରା ସାଧିତ ହୁଏ । ପାପକ୍ଷମାର ଆବଶ୍ୟକୀୟ ସର୍ତ୍ତ ପାଳନକାରୀ ପ୍ରତ୍ୟେକଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ପାପମୋଚନ କରେ । ସେ ଆମ୍ଭମାନଙ୍କ ନିମନ୍ତେ "ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି ।" (୧ମ ଯୋହନ ୨:୨) "କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି । ଆମ୍ଭମାନଙ୍କ ପାପ ସକାଶେ ପରମେଶ୍ୱର ଠାରୁ ବିଚ୍ଛିନ୍ନ ହୋଇଥିବାରୁ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ସହ ସମ୍ମିଳିତ କରନ୍ତି । ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପୁତ୍ର କ୍ରୁଶରେ ମୃତ୍ୟୁ ଭୋଗିଲେ । ମନୁଷ୍ୟ ପାପ କରି ଯେଉଁ ମହିମା ହରାଇଥିଲା, ଖ୍ରୀଷ୍ଟ ଆପଣା ମୃତ୍ୟୁ ଦ୍ୱାରା ତାହା ପୁନଃସ୍ଥାପନ କରିଅଛନ୍ତି । ଆମ୍ଭମାନଙ୍କ ପାପିଲଂଘନର ଶାସ୍ତି ସେ ବହନ କଲେ । ତାହାଙ୍କ ମୃତ୍ୟୁ ଦ୍ୱାରା ପାପୀ ମନୁଷ୍ୟ ପାପରୁ ମୁକ୍ତ ହୋଇ, ନିତ୍ୟାନନ୍ଦର ସ୍ଥାନ 'ସ୍ୱର୍ଗ'ରେ ସଦାକାଳ ସଦାପ୍ରଭୁଙ୍କ ସହ ବାସ କରିବ ।

***- Harlod Bigham***

❋❋❋

# ଜଗତକୁ ପରିବର୍ତ୍ତିତ କରିଥିବା ଯୁଦ୍ଧ

## (The Battle That Has changed the World)

ସହସ୍ର ବର୍ଷ ପୂର୍ବେ ସଦାପ୍ରଭୁ ପରମେଶ୍ୱର ଓ ଶୟତାନ ମଧ୍ୟରେ, ସତ୍ୟ ଓ ମିଥ୍ୟା ମଧ୍ୟରେ, ଧାର୍ମିକତା ଓ ଅଧାର୍ମିକତା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ କେବେ ବି ଶେଷ ହୋଇପାରେ । କିନ୍ତୁ ପ୍ରଶ୍ନ ହେଲା ଏହା କିପରି ଆରମ୍ଭ ହୋଇଥିଲା ଓ ଏହି ଯୁଦ୍ଧର ବିଜୟୀ କିଏ ହେବ ? ଏହି ସବୁ ପ୍ରଶ୍ନର ଉତ୍ତର କେବଳ ବାଇବଲରେ ପାଇପାରୁ । ଆସ ଆମ୍ଭେମାନେ ସଦାପ୍ରଭୁ ଓ ଶୟତାନ ମଧ୍ୟରେ ଥିବା ଯୁଦ୍ଧ ବିଷୟରେ ବାଇବଲରୁ ପଢ଼ି ବୁଝିବା ।

ପୃଥିବୀର ସୃଷ୍ଟି ପୂର୍ବେ ସଦାପ୍ରଭୁ ସ୍ୱର୍ଗ ଓ ଦୂତଗଣଙ୍କୁ ସୃଷ୍ଟି କରିଥିଲେ । (ଆଦି ୧:୧, ଆୟୁବ ୩:୮-୭) ସରାଫ, କିରୂବ ଓ ପ୍ରଧାନ ଦୂତଗଣ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିଲେ । ପ୍ରଧାନ ଦୂତଗଣମାନଙ୍କ ମଧ୍ୟରୁ ଏକ ଦୂତଙ୍କୁ ମହାଶକ୍ତି ଓ ବଳ ପ୍ରଦାନ କରାଯାଇଥିଲା । ସେ ପରମେଶ୍ୱରଙ୍କ ବିଦ୍ରୋହୀ ହେଲା ଓ ଅନେକ ଦୂତ ତାହାର ସଙ୍ଗୀ ହେଲେ । (ଯିଶାଇୟ ୧୪:୧୨-୧୫, ମାଥିଉ ୨୫:୪୧) । ଏହି ବିଦ୍ରୋହୀ ଦୂତଦଳ ପରମେଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ସେମାନଙ୍କ ମଧ୍ୟରୁ ଅନେକ ଗାଢ଼ ଅନ୍ଧକାରରେ ଏବେ ମଧ୍ୟ ବନ୍ଦୀ ହୋଇ ବିଚାରଦିନର ଅପେକ୍ଷାରେ ଅଛନ୍ତି । (୨ ପିତର ୨:୪, ଯିହୂଦା ୬ ପଦ)

ସ୍ୱର୍ଗରୁ ପତିତ ସେହି ପ୍ରଧାନଦୂତ ଅର୍ଥାତ୍ ଶୟତାନ, ଗର୍ଜନ କରୁଥିବା ସିଂହ ତୁଲ୍ୟ କାହାକୁ ଗ୍ରାସିବ ବୋଲି ଜଗତରେ ଏଣେ ତେଣେ ଭ୍ରମଣ କରୁଅଛି । (୧ମ ପିତର ୫:୮) ଭ୍ରାନ୍ତତା ଓ ପାପର ଜାଲ ଏପରି ଭାବେ ଜଗତରେ ବିଛା ଯାଇଛି ଯେ, ଲୋକେ ସେଥିରେ ଛନ୍ଦି ହୋଇ ପାପ ଜାଲରେ ପଡ଼ନ୍ତି । ପାପର ବେତନ ମୃତ୍ୟୁ (୬ ମ ଯୋହନ ୩:୮ ଓ ରୋମୀୟ ୬:୨୩)

ମନୁଷ୍ୟ ସମାଜକୁ ଧାର୍ମିକତାକୁ ଫେରି ଆସିବା ନିମନ୍ତେ ସଦାପ୍ରଭୁ ଅନେକ ଭାବବାଦୀ ଓ ଦୂତମାନଙ୍କୁ ଏହି ଜଗତକୁ ପଠାଇଲେ । କିନ୍ତୁ ମାନବ ସମାଜ ସେହି ବିଦ୍ରୋହୀ ଶୟତାନର କଥାରେ ଅଧିକ ମନୋଯୋଗ କରନ୍ତି । ଦୁଇ ହଜାର ବର୍ଷ ପୂର୍ବେ ପରମେଶ୍ୱର ମନୁଷ୍ୟରୂପ ଧାରଣକାରୀ ମନୁଷ୍ୟମାନଙ୍କ ମୁକ୍ତି ନିମନ୍ତେ ଏହି ଜଗତକୁ ଅବତରଣ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ସେହି ଯୁଦ୍ଧର ଜୟ ହେଲା ଓ ଶୟତାନ ପରାଜିତ ହେଲା । ତାହାଙ୍କ ଦ୍ୱାରା ଆମ୍ଭେମାନେ ଯେପରି ଶୟତାନକୁ ପରାଜୟ କରିପାରୁ, ଏଥି ନିମନ୍ତେ ପ୍ରଭୁ ଯୀଶୁ ଆପଣା ପ୍ରାଣ କ୍ରୁଶରେ ଅର୍ପଣ କରିଥିଲେ । ସେ "ସମାପ୍ତ ହେଲା" ବୋଲି କହି ପ୍ରାଣତ୍ୟାଗ କରିଥିଲେ । ସେ କାର୍ଯ୍ୟ ସମାପ୍ତ କରି ଅଛନ୍ତି । ମୂଲ୍ୟ ପ୍ରଦାନ କରି ଅଛନ୍ତି । ସେ ବିଜୟୀ ଅଟନ୍ତି ।

ଶୟତାନ ଯୁଦ୍ଧରେ ପରାଜିତ ହୋଇଅଛି । ଆଜି ଯେଉଁମାନେ ଖ୍ରୀଷ୍ଟଙ୍କ ବଳିଦାନ ଆପଣା ଜୀବନରେ ଗ୍ରହଣ କରନ୍ତି । ଈଶ୍ୱରଙ୍କ ସନ୍ତାନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବାର ସୁଯୋଗ ପାଇଥାନ୍ତି । (ଯୋହନ ୩:୧୪-୧୮, ୧:୧୨) । ଏହି ଯୁଦ୍ଧ ଜଗତକୁ ପରିବର୍ତ୍ତିତ କରିଅଛି । ଆପଣ ଯଦି ସେହି ବିଜୟୀ ପ୍ରଭୁଙ୍କୁ ଆପଣା ଜୀବନରେ ଆମନ୍ତ୍ରଣ କରନ୍ତି, ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରାଇବେ । (ପ୍ରକାଶିତ ୩:୨୦,୨୧) "ମୁଁ ଦ୍ୱାର, ଯଦି କେହି ମୋ' ଦେଇ ପ୍ରବେଶ କରେ, ତାହାହେଲେ ସେ ରକ୍ଷା ପାଇବ... ..." (ଯୋହନ ୧୦:୯) ।

**- Patrick Boynes**

---

**Edited & Published by : Kabita & Joshua Gootam**

## Abraham,The Friend Of God
## Jas.2:21-23

**Introduction:** Of all the earthlings ever to live,surely Abraham ranks among the top five. No man's knowledeg of the Bible is complete without a thorough knowledge of the eventfull life. His name is woven into the warp and woof of Christianity.

1. **His time:**

A. He was born in Ur of the Chaldes about 2,000 B.C.

B. Chaldea was highly developed and civilized.

1. Archaeologists have unearthed a great temple to moon god, Sin.
2. Large spacious housees,13 rooms,two floors.
3. Large quantities of written material, legal documents.
4. A farming and manufacturing center.
5. A Land of learning

C.Canaan:

It was sparsely populated

Divided into city states and tribal shiekdoms.

Each city was a fortress.

Constantly at war with each other and wandering Bedouins of the desert.

Given over to base kind of idolatry.

Morally degenerete, generally speaking.

II. **The Man:**

A. His father was Terah,his brothers, Nahor and Haran,Gen.11:27.

B. His name: Abram,exalted father.

Abram,the father of many nations.His position in life:

1. His background in Ur,would likely indicate a good education and trainig for his life's work.
2. He was the head of the family clan,patriarch,after the death of Terah.
3. He was a wealthy man with a large retinue of servants.Gen.24:35.

III. **His Life Before God:**

A. His call,Gen.12:1,He was 75yrs.old.

B. The fourfold promise,Gen.12:2-3.

1. A great nation,the Hebrew Nation.
2. A great name,father of the Hebrews and Arabs.
3. A land, Canaan.
4. A blessing to all nations,Christ

C.His faith,Heb.11:8;Rom.4:17-22.

D.His obedience,Jas.2:21-24.

E.His values and goals in life, Heb.11:9-10,13-16.

F.His religion.

Where ever he wandered,there he built an altar,Gen.12:7.

Total self surrender to God,Heb.11:17-19.

His generosity towards the priest of God, Gen.14:18-20.

G. His character:

1. As the head of his family.Gen.18:19.
2. His hospitality.Gen.18:19.
3. His dealing with Lot:

a.He took his brother's son as a charge to raise.

b.His unselfish generosity when a conflict arose,Gen.13:7-9.

c.His cocern for Lot and the righteous in Sodom,Gen.18:22-33.

d.His courage and selflessness in the battle with Chedorlamer,Gen.14:14-24.

His sin.He was still a man like us,Gen.12:10.

His inheritance and reward,Died at 175yrs.

In his life he had no settled home,Acts7:4-5.

But all the promises were fulfilled in his descendants.
He looked for a city whose builder and maker was God and he found it,Heb.11:9-10.
a.Lk.16:22.
b.Matt.8:11.
J.Living monuments to Abraham:christians,Jews,Mohammedans,over half the world's population honor him.
IV. LESSONS TO LEARN FROM ABRAHAM:
When God calls,we too must be ready to go.
Like Abraham,we must believe and walk in the steps of his faith,Rom.4:12.
The importance of waiting on God,we cannot rush Him.
we must not try to improve on God's promises and plans.
That faith means implicit obedience.
We need the peaceful and generous attitude as he did.
Our homes should be centres of hospitality.
Nothing of ours can be withheld from God.
We must give generously to God as abraham did.
Like him,we should take our altar wherever we go.
We should have a concern for those in danger and intercede for them as he did Lot.
We are only pilgrims here.
Our goal and destiny is the city whose builder is God.
We who are God's pepole look forward to resting in Abraham's bosom.
We must become Abraham's seed if want to inherit with him,Gal.3:26-29.

**Printed Book Only**

From:

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)